# ÓóLÿê^ÿœÿæ `ÿæ¾¿ ÉêÉê{`ÿ†ÿœÿ¿

ଇଂ ନିରାକାର ମହାଳିକ

ଭାରତର ଭକ୍ତି ଆନ୍ଦୋଳନ ପରମ୍ପରାରେ ବିଭିନ୍ନ ସାଧୁସନ୍ଥମାନଙ୍କର ଅବଦାନ ଅତୁଳନୀୟ । ତନ୍ମଧ୍ୟରୁ ପୂର୍ବ ଭାରତରେ ଶଙ୍କରଦେବ ପଶ୍ଚିମରେ ଏକନାଥ, ନରହରି, ନାମଦେବ, ତୁକାରାମ, ଦକ୍ଷିଣ ଭାରତରେ ରାମାନୁଜ, ମାଧ୍ୱାଚାର୍ଯ୍ୟ, ପୋତନା, ଶ୍ରୀନାଥ, ଉତ୍ତରରେ ସୁରଦାସ, ମୀରାବାଈ, ତୁଳସୀ ଦାସ, କବୀର, ନାନକ ପ୍ରଭୃତି ସନ୍ଥମାନେ ଅଗ୍ରଣୀ ଥିଲେ । ଏହି ଭକ୍ତି ଆନ୍ଦୋଳନରେ ସଂକୀର୍ତ୍ତନର ମୁଖ୍ୟ ପ୍ରବର୍ତ୍ତକ ଶ୍ରୀଶ୍ରୀଚୈତନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସେ ଶ୍ରୀକୃଷ୍ଣଙ୍କୁ ଅବତାରୀ ଭାବେ ସ୍ୱୀକାର କରୁଥିଲେ । ତାଙ୍କ ମତରେ ପ୍ରେମମାର୍ଗରେ ହିଁ କୃଷ୍ଣ ପ୍ରାପ୍ତି ସମ୍ଭବ । ପ୍ରେମଭକ୍ତି ବା ରାଗାନୁଗା ଭକ୍ତିର ସାରକଥା ହେଲା – ବ୍ରଜବାସୀ ରୂପେ ଶ୍ରୀକୃଷ୍ଣଙ୍କୁ ସେବା କରିବା । ପଞ୍ଚସଖାମାନଙ୍କର ଜ୍ଞାନ ମିଶ୍ରା ଭକ୍ତିବାଦର ସୃଷ୍ଟିରେ ତାଙ୍କର ପ୍ରଭାବ ଅତୁଳନୀୟ । ଶ୍ରୀଚୈତନ୍ୟ ସଂକୀର୍ତ୍ତନ ମାଧ୍ୟମରେ ପ୍ରେମଭକ୍ତିକୁ ଓଡ଼ିଶାର ପୁରପଲ୍ଲୀରେ ପହଞ୍ଚାଇବାରେ ଏହି ପଞ୍ଚସଖାମାନଙ୍କର ସହଚର୍ଯ୍ୟ ଅପରିହାର୍ଯ୍ୟ ଥିଲା ।



ଶ୍ରୀଚୈତନ୍ୟ ଖ୍ରୀ:୧୪୮୬ର ଫାଲଗୁନ ପୂର୍ଣ୍ଣିମା ଚନ୍ଦ୍ରଗ୍ରହଣ ସମୟରେ ମାତା ଶଚୀଦେବୀ ଓ ପିତା ବାତ୍ସାୟନ ଗୋତ୍ରୀ ବ୍ରାହ୍ମଣ ଜଗନ୍ନାଥ ମିଶ୍ରଙ୍କ ଔରସରୁ ଜନ୍ମଲାଭ କରିଥିଲେ । ଶିଶୁଟିକୁ କୁ-ଦୃଷ୍ଟି ବା କୌଣସି ଅଶରୀର ଆତ୍ମାଙ୍କ କୁପ୍ରଭାବରୁ ରକ୍ଷା କରିବା ପାଇଁ ତାଙ୍କର ପିତାମାତା ପୁତ୍ରର ନାମ ରଖିଥିଲେ 'ନିମ୍ବ ପରି ପିତା' ନାମ 'ନିମାଇଁ' । ପଣ୍ଡିତ ଜଗନ୍ନାଥ ମିଶ୍ରଙ୍କ ପୂର୍ବପୁରୁଷମାନେ ଯାଜପୁରରୁ ଗୌଡ଼ଦେଶ (ବଙ୍ଗ)ର ଶ୍ରୀହଟ୍ଟ ସହରକୁ ଚାଲିଯାଇଥିଲେ । କାଳକ୍ରମେ ସଂସ୍କୃତରେ ଉଚ୍ଚଶିକ୍ଷା ଲାଭ ପାଇଁ ଜଗନ୍ନାଥ ମିଶ୍ର ନବଦ୍ୱୀପ (ନଦୀୟା) ଯାଇଥିଲେ । ସେତେବେଳେ ନବ୍ୟନ୍ୟାୟ ଆଲୋଚନାରେ ନଦୀୟା ଶ୍ରେଷ୍ଠସ୍ଥାନ ଅଧିକାର କରିଥିଲା । ସଂସ୍କୃତ ଅଧ୍ୟୟନ କରି ସେଠାରେ ସେ ଅଧ୍ୟାପକ ପଣ୍ଡିତ ନୀଳାମ୍ବର ଚକ୍ରବର୍ତ୍ତୀଙ୍କ କନ୍ୟା ଶଚୀଦେବୀଙ୍କୁ ବିବାହ କରିବା ପରେ ସ୍ଥାୟୀ ଭାବେ ବସବାସ କରିଥିଲେ । ଶଚୀଦେବୀଙ୍କ ଗର୍ଭରୁ ଆଠଗୋଟି ସନ୍ତାନ ଜନ୍ମହୋଇ ଗୋଟିକ ପରେ ଗୋଟିଏ ମୃତ୍ୟୁମୁଖରେ ପଡ଼ିଲେ । ନବମ ଗର୍ଭରୁ ଯେଉଁ ସନ୍ତାନଟି ହେଲା ତା'ର ନାମ ରଖିଲେ ବିଶ୍ୱରୂପ । କାଳକ୍ରମେ ସେ ସନ୍ନ୍ୟାସ ଦୀକ୍ଷା ନେଇ ଗୃହତ୍ୟାଗ କଲେ । ଦଶମ ଗର୍ଭରୁ ଯେଉଁ ସନ୍ତାନଟି ଜନ୍ମନେଲା ତା'ର ନାମ ଦେଲେ 'ବିଶ୍ୱମ୍ଭର' । ଶଚୀଦେବୀଙ୍କ କୋଳରେ ପିଲାମାନେ ଟେକୁ ନଥିବାରୁ ତାକୁ ନିମ୍ବପିତା-ନିମାଇଁ ଡାକିଲେ । ବିଶ୍ୱମ୍ଭର ନାମଟି ବିଲୁପ୍ତ ହୋଇ ନିମାଇଁ ବୋଲି ସମସ୍ତେ ଡାକିଲେ କିନ୍ତୁ ସାମାଜିକ ବିଧି ଅନୁସାରେ ବ୍ରତୋପନୟନ ସମୟରେ ତାଙ୍କ ନାମ ହେଲା 'ଶ୍ରୀଗୌରାଙ୍ଗ' ।

ନିମାଇଁ ସଂସ୍କୃତ ଶିକ୍ଷା ପରେ ପଣ୍ଡିତ ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କଠାରୁ ନ୍ୟାୟ ଶାସ୍ତ୍ର ଶିକ୍ଷା କଲେ । ଖ୍ରୀ:୧୫୦୨ରେ ନଦୀୟାଠାରେ ସେ ଏକ ନୂତନ ସଂସ୍କୃତ ଟୋଲ ସ୍ଥାପନ କରି ନିଜେ ଶିକ୍ଷକତା କଲେ । ନିମାଇଁଙ୍କର ପାଠପଢ଼ା ସମୟରେ ପିତା ଜଗନ୍ନାଥ ମିଶ୍ରଙ୍କ ଅକାଳ ବିୟୋଗ ହେଲା । ପୁତ୍ର ନିମାଇଁ ଶିକ୍ଷକତା କଲାପରେ ମାତା ଶଚୀଦେବୀ ଘରକୁ ବୋହୂଟିଏ ଆଣିବା ପାଇଁ ବ୍ୟସ୍ତ ହୋଇ ପଡ଼ିଲେ । ପଣ୍ଡିତ ବଲ୍ଲବ ଆଚାର୍ଯ୍ୟଙ୍କ କନ୍ୟା ଲକ୍ଷ୍ମୀ ନିମାଇଁ ସଙ୍ଗେ ପାଠ ପଢୁଥିଲା, ତା' ସହିତ ନିମାଇଁର ବିବାହ ସମ୍ପନ୍ନ ହୋଇଥିଲା । ଅଳ୍ପଦିନ ପରେ ଲକ୍ଷ୍ମୀପ୍ରିୟାର ଅକାଳ ବିୟୋଗ ହୋଇଯିବାରୁ ଅନ୍ୟ ଏକ କନ୍ୟା ବିଷ୍ଣୁପ୍ରିୟା ସହିତ ଦ୍ୱିତୀୟ ବିବାହ ସମ୍ପନ୍ନ ହୋଇଥିଲା ।

ସ୍ୱର୍ଗୀୟ ପିତା ଜଗନ୍ନାଥ ମିଶ୍ରଙ୍କର ପିଣ୍ଡଦାନ ପାଇଁ ନିମାଇଁଙ୍କୁ ଗୟାତୀର୍ଥ ଯିବାକୁ ପଡ଼ିଥିଲା । ସେ ଗୟାଧାମରେ ପିତୃପିଣ୍ଡଦାନ ସମୟରେ ଶ୍ରୀଗୟା ମାହାତ୍ମ୍ୟ ଶ୍ରବଣ କରି ପ୍ରେମାବିଷ୍ଟ ହୋଇପଡ଼ିଲେ । ସେଠାରେ ତାଙ୍କର ମାଧବେନ୍ଦ୍ର ପୁରୀଙ୍କ ଶିଷ୍ୟ ଈଶ୍ୱର ପୁରୀଙ୍କ ସହ ସାକ୍ଷାତ ହୋଇଥିଲା । ନିମାଇଁ ପ୍ରେମାବିଷ୍ଟ ଚିତ୍ତରେ ତାଙ୍କର ଶ୍ରୀଚରଣରେ ଲୋଟି ପଡ଼ିଲେ ଓ କହିଲେ –

'ପ୍ରଭୁ ବଲେ ଗୟାଯାତ୍ରା ସଫଲ ଆମାର
ଯତ୍‌କ୍ଷଣେ ଦେଖିଲାଙ୍‌ ଚରଣ ତୋମାର ।'
(ଶ୍ରୀଚୈତନ୍ୟ ଭାଗବତ ଆଦି– ନବମ ଅଧ୍ୟାୟ)

ତତ୍‌ପରଦିନ ନିମାଇଁ ଈଶ୍ୱରପୁରୀଙ୍କୁ ମନ୍ତ୍ରଦୀକ୍ଷା ଦେବା ପାଇଁ ଅନୁରୋଧ କଲେ–

'ଆର ଦିନ ନିଭୃତେ ଈଶ୍ୱରପୁରୀ ସ୍ଥାନେ ।
ମନ୍ତ୍ରଦୀକ୍ଷା ଚାହିଁଲେ ନ ମଧୁର ବଚନେ ।'
(ଶ୍ରୀଚୈତନ୍ୟ ଭାଗବତ – ଆଦି – ୧୫ଶ ଅଧ୍ୟାୟ)

ସେ ଗୁରୁଙ୍କଠାରୁ 'କ୍ଲୀଂ କୃଷ୍ଣାୟ ଗୋବିନ୍ଦାୟ ବଲ୍ଲଭାୟ ନମଃ' ମନ୍ତ୍ରରେ ଦୀକ୍ଷା ଗ୍ରହଣ କରି ନବଦ୍ୱୀପ ପ୍ରତ୍ୟାବର୍ତ୍ତନ କରିଥିଲେ । ଶାନ୍ତିପୁରର ଆଚାର୍ଯ୍ୟ ଅଦ୍ୱୈତ ଖ୍ରୀ:୧୫୦୯ ଜାନୁଆରୀ ମାସରେ ନିମାଇଁଙ୍କୁ ସାକ୍ଷାତ କରିବାକୁ ନବଦ୍ୱୀପ ଯାଇଥିଲେ । କିଛି ଦିନ ପରେ ଅଦ୍ୱୈତଙ୍କ ବାରଣ ସତ୍ତ୍ୱେ ନିମାଇଁ ଗୃହସ୍ଥ ଜୀବନରୁ ଅବସର ନେଇ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କଲେ । ସେ କାଟୋୟା–କାଞ୍ଚନ ନଗରସ୍ଥ ଶଙ୍କରାଚାର୍ଯ୍ୟ ପରମ୍ପରା–ଭୂରିବାର ସମ୍ପ୍ରଦାୟର ବିଶିଷ୍ଟ ଆଚାର୍ଯ୍ୟ ଜଗଦ୍‌ଗୁରୁ ଭଗଦପାଦ କେଶବ ଭାରତୀ ନାମକ ବୈଷ୍ଣବଗୁରୁଙ୍କଠାରୁ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କଲେ । ସନ୍ନ୍ୟାସ ଦୀକ୍ଷା ପରେ ନିମାଇଁ ବା ଗୌରାଙ୍ଗ ନାମ ପରିବର୍ତ୍ତନ ହୋଇ ନାମ ହେଲା 'ଶ୍ରୀକୃଷ୍ଣ ଚୈତନ୍ୟ' । କିନ୍ତୁ ତାଙ୍କୁ 'ଶ୍ରୀଚୈତନ୍ୟ' ବୋଲି ଡାକିବାର ତାଙ୍କର ଶିଷ୍ୟଙ୍କ ମୁଖରୁ ଶୁଣାଗଲା । ଶ୍ରୀଚୈତନ୍ୟ ଗେରୁଆ ବସ୍ତ୍ର ପରିଧାନ କରି ଦଣ୍ଡ କମଣ୍ଡଳରୁ ଧାରଣ କରି ଫୁଲିୟା ନଗର ଦେଇ ଶାନ୍ତିପୁରକୁ ଗଲେ । ସେଠାରେ ଅଦ୍ୱୈତଙ୍କ ଗୃହରେ ରହି ତାଙ୍କର ମାତାଙ୍କୁ ସେଠାକୁ ଡକାଇ ସମସ୍ତ ବିଷୟ ଅବଗତ କରାଇଥିଲେ । ଶ୍ରୀଶଚୀମାତାଙ୍କ ଆଦେଶକ୍ରମେ ତାଙ୍କର ନୀଳାଚଳ ଧାମକୁ ଯିବାକୁ ସ୍ଥିର ହେଲା ।

ଶ୍ରୀଚୈତନ୍ୟଙ୍କ ବୈଷ୍ଣବ ଦୀକ୍ଷା ନେବା ସମ୍ବାଦ ପାଇ ଶ୍ରୀମତ୍ ନିତ୍ୟାନନ୍ଦ ଖ୍ରୀ:୧୫୦୯ ଜୁନ–ଜୁଲାଇ ମଧ୍ୟରେ ନବଦ୍ୱୀପ (ନଦୀୟା) ଯାଇ ନନ୍ଦନ ଆଚାର୍ଯ୍ୟଙ୍କ ଗୃହରେ ଅବସ୍ଥାନ କଲେ । ଏହି ସମ୍ବାଦ ପାଇ ଶ୍ରୀଚୈତନ୍ୟ, ଜବନ ହରିଦାସ ଓ ଶ୍ରୀବାସ ପଣ୍ଡିତଙ୍କ ସହ ନିତ୍ୟାନନ୍ଦଙ୍କୁ ଦେଖିବାକୁ ଯାଇଛନ୍ତି । ପ୍ରଭୁ ନିତ୍ୟାନନ୍ଦଙ୍କ ଶିଷ୍ୟ ବୃନ୍ଦାବନ ଦାସ ତାଙ୍କର ଚୈତନ୍ୟ ଭାଗବତରେ ଲେଖିଛନ୍ତି –

'ମହାଭକ୍ତିଯୋଗ ପ୍ରଭୁ ବୁଝିୟା ତାହାର ।
ଗଣ ସହ ବିଶ୍ୱମ୍ଭର (ଚୈତନ୍ୟ) ହୈଲ ନମସ୍କାର ।।'

ପ୍ରଭୁ ନିତ୍ୟାନନ୍ଦ କିଏ ? ତାଙ୍କ ବିଷୟରେ କିଛି ଜାଣିବା ଉଚିତ । ସେ ଖ୍ରୀ:୧୪୭୭ରେ ବୀରଭୂମି ଜିଲ୍ଲାର ଏକଚକ୍ରା ଗ୍ରାମରେ ପଣ୍ଡିତ ହାଡ଼ାଇ ଓଝା (ଉପାଧ୍ୟାୟ) ଓ ମାତା ପଦ୍ମାବତୀଙ୍କ ଗର୍ଭରୁ ସମ୍ଭୂତ । ତାଙ୍କର ବାରବର୍ଷ ବୟସବେଳେ ପିତାମାତାଙ୍କ ଦ୍ୱାରା ଜଣେ ସନ୍ନ୍ୟାସୀଙ୍କୁ ଦତ୍ତ ହୋଇ ସନ୍ନ୍ୟାସୀ ହୋଇଥିଲେ । ସେ ସାରାଭାରତ ଭ୍ରମଣ କରି ମାଧବେନ୍ଦ୍ର ପୁରୀଙ୍କ ସଂସ୍ପର୍ଶରେ ଆସିଥିଲେ । ତାଙ୍କ ନିର୍ଦ୍ଦେଶରେ ମାଧବେନ୍ଦ୍ରଙ୍କ ଶିଷ୍ୟ ସଙ୍କର୍ଷଣ ପୁରୀଙ୍କଠାରୁ ନିତ୍ୟାନନ୍ଦ ଦୀକ୍ଷା ଗ୍ରହଣ କରିଥିଲେ । ନିତ୍ୟାନନ୍ଦ ଚୈତନ୍ୟଙ୍କ ସଙ୍ଗେ ପୁରୀ ବା ନୀଳାଚଳ ଆସିବା ପୂର୍ବରୁ କୋଡ଼ିଏ ବର୍ଷକାଳ ଅବଧୂତ ସନ୍ନ୍ୟାସୀ ଭାବେ ଭାରତର ସମସ୍ତ ତୀର୍ଥ ଭ୍ରମଣ କରିଥିଲେ । ତାଙ୍କର ଆନୁଷ୍ଠାନିକ ଶିକ୍ଷା ନଥିଲେ ମଧ୍ୟ ସେ ଥିଲେ ଉଦାର ଦୟାଳୁ, କ୍ଷମାଶୀଳ, ଜଣେ ଶ୍ରେଷ୍ଠ ପରିବ୍ରାଜକ ଓ ତାଲିମ ପ୍ରାପ୍ତ ସନ୍ନ୍ୟାସୀ । ପ୍ରଭୁ ନିତ୍ୟାନନ୍ଦଙ୍କ ମୂର୍ତ୍ତି ଶ୍ରୀଚୈତନ୍ୟଙ୍କ ମୂର୍ତ୍ତି ସହ ପୂଜା ପାଏ । ଦୁହେଁ 'ନିତାଇ–ଗୌର' ନାମରେ ପରିଚିତ । ସେଥିପାଇଁ ସଂକୀର୍ତ୍ତନ ସମୟରେ ବୋଲାଯାଏ –

'ହରେ କୃଷ୍ଣ ହରେ ରାମ ରାଧେ ଗୋବିନ୍ଦ ।
(ଜପ) ଶ୍ରୀକୃଷ୍ଣ ଚୈତନ୍ୟ ପ୍ରଭୁ ନିତ୍ୟାନନ୍ଦ ।।'

'ଓଡ଼ିଶାରେ ବୈଷ୍ଣବ ଧର୍ମର ନୂତନ ଆଭିମୁଖ୍ୟ' ପୁସ୍ତକରେ ଡଃ ଘନଶ୍ୟାମ ରଥ ଦର୍ଶାଇଛନ୍ତି ଯେ – ଗୌଡ଼ୀୟ ବୈଷ୍ଣବମାନଙ୍କ ଭକ୍ତି ଅନୁଯାୟୀ ନିତ୍ୟାନନ୍ଦ ହେଉଛନ୍ତି ଆଶ୍ରୟ ଏବଂ ଚୈତନ୍ୟ ହେଲେ ବିଷୟ ଅର୍ଥାତ୍ ଜଣେ ନିତ୍ୟାନନ୍ଦଙ୍କ ଆଶ୍ରୟ ବିନା ଚୈତନ୍ୟଙ୍କୁ ପାଇ ନପାରେ । ଏଣୁ ନିତ୍ୟାନନ୍ଦ ପୂଜା ଅବଶ୍ୟମ୍ଭାବୀ ।

ନିତ୍ୟାନନ୍ଦଙ୍କୁ ଶ୍ରୀଚୈତନ୍ୟ ଯେପରି ଭକ୍ତ ଓ ପାରିଷଦମାନଙ୍କୁ ନେଇ ସାକ୍ଷାତ କଲେ ସେଥିରୁ ତାଙ୍କର ସାଂଗଠନିକ ଦକ୍ଷତା ପ୍ରମାଣିତ ହେଲା । ସେ ନୀଳାଚଳ ଯିବା ପୂର୍ବରୁ ଶ୍ରୀଅଦ୍ୱୈତଙ୍କୁ ଶାନ୍ତିପୁରରୁ ଡକାଇ ଅଣାଇଲେ ଶ୍ରୀଧର ପଣ୍ଡିତଙ୍କୁ ମହାପ୍ରଭୁ ନିଜେ ଯାଇ ଡାକିଆଣି ନିଜ ଦଳଭୁକ୍ତ କଲେ । ଶ୍ରୀବାସ ପଣ୍ଡିତଙ୍କ ଗୃହରେ ସକଳ ଭକ୍ତମିଳି ୧୦୮ କଳସୀ ଜଳରେ ତାଙ୍କୁ ସ୍ନାନ କରାଇ ଅଭିଷେକ କଲେ । ଗୋପୀନାଥ ମନ୍ତ୍ରରେ

ମହାପ୍ରଭୁଙ୍କୁ ଆରାଧନା କଲେ ଓ ସମସ୍ତେ ନିତ୍ୟାନନ୍ଦଙ୍କ ପାଦୋଦକ ଗ୍ରହଣ କଲେ । ଦଳ ମଧ୍ୟରେ ନିତ୍ୟାନନ୍ଦଙ୍କୁ ଶ୍ରେଷ୍ଠତ୍ୱ ଦିଆଗଲା । ଶ୍ରୀଚୈତନ୍ୟ ହେଲେ କୃଷ୍ଣ ଓ ନିତେଇ ହେଲେ ବଳରାମ । ତା'ପରେ ସେମାନେ ନୀଳାଚଳ ଆସିଲେ । ପଣ୍ଡିତ କିଶୋରୀ ମୋହନ କାବ୍ୟରତ୍ନଙ୍କ 'ଗୁପ୍ତ ବୃନ୍ଦାବନ ଶ୍ରୀଶ୍ରୀକ୍ଷୀରଚୋରା ଗୋପୀନାଥ ଧାମ' ପୁସ୍ତକରୁ ଜଣାଯାଏ -

'ଏଇମତ ମହାପ୍ରଭୁ ଚଳିଲା ନୀଳାଚଳେ ।
ଚାରିଭକ୍ତ ସଙ୍ଗେ କୃଷ୍ଣ କୀର୍ତ୍ତନ କୁତୂହଳେ ।।
ପଥେ ବଡ଼ ବଡ଼ ଦାନୀ ବିଘ୍ନ ନାହିଁ କରେ ।
ତା' ସବାରେ କୃପା କରି ଆଇଲା ରେମୁଣାରେ ।।
ରେମୁଣାତେ ଗୋପୀନାଥ ପରମ ମୋହନ ।
ଭକ୍ତିକରି କୈଲ ପ୍ରଭୁ ତା'ର ଦରଶନ ।।
x x x x
ମହାପ୍ରସାଦ କ୍ଷୀର ଲୋଭେ ରହିଲା ପ୍ରଭୁ ତଥା ।
ପୂର୍ବେ ଈଶ୍ୱରପୁରୀ ତାରେ କହିୟାଛେନ କଥା ।।
x x x x
ପୂର୍ବେ ମାଧବପୁରୀ ଲାଗି କ୍ଷୀର କୈଲ ଚୁରି ।
ଅତଏବ ନାମ ହୈଲ କ୍ଷୀରଚୋରା ହରି ।।'

ଶ୍ରୀଚୈତନ୍ୟ କୀର୍ତ୍ତନ ମଣ୍ଡଳୀ ସହିତ ବାଲେଶ୍ୱର ଜିଲ୍ଲା ରେମୁଣାସ୍ଥିତ କ୍ଷୀରଚୋରା ଗୋପୀନାଥ ଧାମରେ ଆସି ପହଞ୍ଚିଲେ ଓ ଗୋପୀନାଥ ଜୀଉଙ୍କୁ ଦର୍ଶନ କଲେ । ସେତେବେଳେ ଗଜପତି ପ୍ରତାପରୁଦ୍ର ଦେବ (ଖ୍ରୀ:୧୪୯୭-ଖ୍ରୀ:୧୫୩୩)ଙ୍କ ରାଜ୍ୟ ପୂର୍ବରେ ଗଙ୍ଗାନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ସେମାନେ ଗଙ୍ଗାନଦୀ ପାରିହୋଇ ମେଦିନୀପୁର ମଧ୍ୟ ଦେଇ ରେମୁଣାରେ ଆସି ପହଞ୍ଚିଥିଲେ । କୀର୍ତ୍ତନ ମଣ୍ଡଳୀରେ ଯେଉଁ ଚାରି ଭକ୍ତଙ୍କ କଥା କୁହାଯାଇଛି, ସେମାନେ ହେଲେ ନିତ୍ୟାନନ୍ଦ, ଅଦ୍ୱୈତ, ଗଦାଧର ଓ ଶ୍ରୀବାସ । ରେମୁଣାରେ କ୍ଷୀରଚୋରା ଗୋପୀନାଥଙ୍କ ଦର୍ଶନ ପରେ ଶ୍ରୀମଦ୍ ଭାଗବତର ଟୀକାକାର ଶ୍ରୀଧର ସ୍ୱାମୀଙ୍କର ଜନ୍ମସ୍ଥାନ ଦର୍ଶନ କରିବାକୁ ଗଲେ । ଶ୍ରୀଧର ସ୍ୱାମୀଙ୍କ ଶ୍ରୀମଦ୍ ଭାଗବତ ଟୀକା ପାଠକରି ଶ୍ରୀଚୈତନ୍ୟ ତାଙ୍କୁ ଗୁରୁ ରୂପେ ସ୍ୱୀକାର କରିଥିଲେ ।

'ଶ୍ରୀଧର ସ୍ୱାମୀର ସ୍ଥାନେ ଗମନ କରିଲ ।
ଦର୍ଶନ ମାତ୍ରେତ ଧୂଳାୟ ଗଡ଼ାଗଡ଼ି ଦିଲ ।'
(ଶ୍ରୀଶ୍ୟାମାନନ୍ଦ ପ୍ରକାଶ : ୧୦ମ-୧୦ପ)

ଗୋପୀନାଥଙ୍କଠାରୁ ଶ୍ରୀଧର ସ୍ୱାମୀଙ୍କ ଜନ୍ମସ୍ଥାନ ମାତ୍ର ଦୁଇ ମାଇ ଦୂର । ଗ୍ରାମର ନାମ ମୟୂର ଗ୍ରାମ ବା ମରେଇ ଗାଁ । ଶ୍ରୀଚୈତନ୍ୟ ମରେଇ ଗାଁର ମୃତ୍ତିକା ଦେହରେ ବୋଳି ହୋଇ ନୀଳାଚଳ ଅଭିମୁଖେ ଯାତ୍ରା କଲେ ।

ଶ୍ରୀଚୈତନ୍ୟ ନୀଳାଚଳରେ ପହଞ୍ଚି ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସମୟରେ ଏକ ଦିବ୍ୟ ଭାବାବେଶରେ ଅଚେତ ହୋଇ ପଡ଼ିଲେ । ସେଠାରେ ଉପସ୍ଥିତ ଥିବା ଭାରତର ବିଶିଷ୍ଟ ପଣ୍ଡିତ ପ୍ରସିଦ୍ଧ ନ୍ୟାୟାୟିକ ସାର୍ବଭୌମ ଭଟ୍ଟାଚାର୍ଯ୍ୟ ଶ୍ରୀଚୈତନ୍ୟଙ୍କୁ ସାଷ୍ଟାମ କରି ତାଙ୍କର ଶ୍ରୀଜଗନ୍ନାଥଙ୍କ ପ୍ରତି ପ୍ରେମଭକ୍ତିକୁ ସ୍ୱୀକାର କରି ନେଲେ । ସେତେବେଳେ ସ୍ୱାମୀ ଜଗନ୍ନାଥ ଦାସ କଳ୍ପବଟ ମୂଳରେ ସଂସ୍କୃତ ଶ୍ରୀମଦ୍ ଭାଗବତର ନବାକ୍ଷରୀ ଉତ୍କଳାନୁବାଦ କରି ଭକ୍ତମାନଙ୍କୁ ପଢ଼ି ଶୁଣାଉଥିଲେ । ସେ ଭାଗବତ ଦଶମ ସ୍କନ୍ଧର ବ୍ରହ୍ମସ୍ତୁତିକୁ ଅତି ଚମତ୍କାର ଭାବେ ବର୍ଣ୍ଣନା କରୁଥିବାର ଦେଖି ଶ୍ରୀଚୈତନ୍ୟ ଅତ୍ୟନ୍ତ ମୁଗ୍ଧ ହୋଇଯାଇଥିଲେ । ଭାଗବତର ଭକ୍ତିମୂଳକ ବିବିଧ ବ୍ୟାଖ୍ୟା ଶୁଣି ସେ ତନ୍ମୟ ହୋଇ ପଡ଼ିଥିଲେ ଓ ଅଢ଼େଇ ପ୍ରହର ପର୍ଯ୍ୟନ୍ତ ପରସ୍ପର କୋଳାଗ୍ରତ ହୋଇ ରହିଥିଲେ । ସେହି ଦିନଠାରୁ ଶ୍ରୀଚୈତନ୍ୟ ଜଗନ୍ନାଥ ଦାସଙ୍କୁ ଅତ୍ୟନ୍ତ ଶ୍ରଦ୍ଧା କରୁଥିଲେ । ଶ୍ରୀକ୍ଷେତ୍ରରେ ଅବସ୍ଥାନ କରିବା ସମୟରେ ସେ ପ୍ରତ୍ୟହ ପୁରାଣ ଶୁଣୁଥିଲେ । ଆଲୋଚନା ସମୟରେ ଦିନେ ଜଗନ୍ନାଥ ଦାସ ନିଜର ଓ ଶ୍ରୀଚୈତନ୍ୟଙ୍କର ପୂର୍ବଜନ୍ମ ବୃତ୍ତାନ୍ତ କହିଦେବାରୁ ଶ୍ରୀଚୈତନ୍ୟ ତାଙ୍କୁ ଅତିବଡ଼ୀ ଉପାଧିରେ ଭୂଷିତ କରିଥିଲେ ।

'କାନ୍ଧରୁ ଉତ୍ତରୀ କାଢ଼ିଲା । ସ୍ୱାମୀ ମସ୍ତକେ ବାନ୍ଧି ଦେଲା ।।
ବୋଲେ ଏ ଅତିବଡ଼ ପଣ । ସ୍ୱାମୀ ତୁ ମୋହର ପରାଣ ।।
(୫/୧୨୨-୧୨୩ : ବୈଷ୍ଣବ ଲୀଳାମୃତ)

ଶ୍ରୀଚୈତନ୍ୟ ଖ୍ରୀ:୧୫୧୦ ଅପ୍ରେଲ ୨୧ ତାରିଖ ବୈଶାଖ ମାସ ସପ୍ତମ ଦିବସରେ ଦାକ୍ଷିଣାତ୍ୟ ଭ୍ରମଣରେ ବାହାରିଲେ । ସେତେବେଳେ ସାର୍ବଭୌମ ଭଟ୍ଟାଚାର୍ଯ୍ୟ ରାଜ ମହେନ୍ଦ୍ରୀର ପ୍ରଶାସକ-ରାୟ ରାମାନନ୍ଦଙ୍କୁ ସାକ୍ଷାତ କରିବାକୁ ତାଙ୍କୁ ପରାମର୍ଶ ଦେଇଥିଲେ । ଏ ସାର୍ବଭୌମ କିଏ ? ସେ ହେଉଛନ୍ତି ପଣ୍ଡିତ ଶ୍ରୀ ବାସୁଦେବ ସାର୍ବଭୌମ ଭଟ୍ଟାଚାର୍ଯ୍ୟ । ଗଜପତି ପ୍ରତାପରୁଦ୍ର ତାଙ୍କୁ ନଦୀୟାରୁ ଡକାଇ ଆଣି ତାଙ୍କୁ ପୁରୀରେ ରାଜଗୁରୁ କରିଥିଲେ । ତାଙ୍କର ନ୍ୟାୟ ଦର୍ଶନରେ ଅଗାଧ ପାଣ୍ଡିତ୍ୟ ଥିଲା ପୁରୀ ଶ୍ରୀମନ୍ଦିରର ସମସ୍ତ ରୀତି, ନୀତି, ନିୟମ ଓ ବିଧାନ ପ୍ରଭୃତି ସେ ପ୍ରସ୍ତୁତ କରିଥିଲେ । ତେଣୁ ତାଙ୍କ ପରାମର୍ଶ ଶିରୋଧାର୍ଯ୍ୟ

ମନେକରି ବିଦ୍ୟାନଗରୀ (ରାଜମହେନ୍ଦ୍ରୀ)ରେ ରାୟ ରାମାନନ୍ଦଙ୍କୁ ସାକ୍ଷାତ କଲେ ଓ ସେଠାରେ କୃଷ୍ଣତତ୍ତ୍ୱ, ରାଧାତତ୍ତ୍ୱ, ରସତତ୍ତ୍ୱ ଓ ଲୀଳାତତ୍ତ୍ୱ ଶିକ୍ଷା କଲେ । ସେମାନେ ଭଗବଦ୍ ଭାବନାରେ ତନ୍ମୟ ହୋଇ ଆତ୍ମବିଭୋର ହୋଇ ପଡୁଥିଲେ । ତାଙ୍କ ଶେଷ ଜୀବନ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ଆରାଧନାରେ ବିତାଇବା ପାଇଁ ସ୍ଥିର କଲେ । ଶ୍ରୀଚୈତନ୍ୟ କହିଲେ –

'ଦଶ ଦିନର କା କଥା ଯାବତ୍ ଆମ ଜୀବ ।
ତାବତ ତୋମାର ସଙ୍ଗ ଛାଡ଼ିତେ ନା ଯିବ ।।
ନୀଳାଚଳେ ତୁମି ଆମି ଥାକିବ ଏକ ସଙ୍ଗେ ।
ସୁଖେ ଗୋଡ଼ାଇବ କାଲ କୃଷ୍ଣକଥା ରଙ୍ଗେ ।।'
(ଚୈତନ୍ୟ ଚରିତାମୃତ, ମଧ୍ୟ–ଅଷ୍ଟମ)

ଏହିପରି ଦଶଦିନ ରାମମହେନ୍ଦ୍ରୀରେ ରହି ସେ ଦାକ୍ଷିଣାତ୍ୟ ଅଭିମୁଖେ ଯାତ୍ରା କଲେ । ସେଠାରୁ ଶ୍ରୀଚୈତନ୍ୟ ଗୌତମୀ ଗଙ୍ଗା, ମଲ୍ଲିକାର୍ଜ୍ଜୁନ, ଆହୋବଳ, ନୃସିଂହ ସିଦ୍ଧବଟ, ସ୍କନ୍ଧକ୍ଷେତ୍ର, କ୍ରିମଂ, ବୃଦ୍ଧ କାଶୀ, ବୌଦ୍ଧସ୍ଥାନ, ତ୍ରିପତି, ତିମଲ୍ଲ, ପାନାନୃସିଂହ, ଶିବକାଶୀ, ତ୍ରିକାଳହସ୍ତୀ, ବିଷ୍ଣୁକାଶୀ, ବୃଦ୍ଧକୋଳ, ଶିଆଳୀ–ଭୈରବୀ, କାବେରୀ ତୀର, କୁମ୍ଭକର୍ଣ୍ଣ କପାଳ, ଶ୍ରୀରଙ୍ଗମ୍, ଶ୍ରୀଶୈଳ, ଦକ୍ଷିଣ ମଥୁରା, ସେତୁବନ୍ଧ ଓ ରାମେଶ୍ୱର ପ୍ରଭୃତି ଦକ୍ଷିଣର ବିଭିନ୍ନ ତୀର୍ଥସ୍ଥାନ ପରିଭ୍ରମଣ କରି ରାଜମହେନ୍ଦ୍ରୀ ଫେରିଲେ । ଶ୍ରୀଚୈତନ୍ୟ ଦକ୍ଷିଣ ଭାରତରୁ ପ୍ରାପ୍ତ ଦୁଇଟି ବୈଷ୍ଣବ ଗ୍ରନ୍ଥ 'ବ୍ରହ୍ମ ସଂହିତା' ଓ 'କୃଷ୍ଣ କର୍ଣ୍ଣାମୃତ'କୁ ରାୟରାମାନନ୍ଦଙ୍କୁ ଉପହାର ଦେଇ ତା'ର ନକଲ କରିବାକୁ କହିଥିଲେ । ଖ୍ରୀ:୧୫୧୨ ଜାନୁଆରୀ ମଧ୍ୟଭାଗରେ ସେ ନୀଳାଚଳ ପ୍ରତ୍ୟାବର୍ତ୍ତନ କଲେ । ଶ୍ରୀଚୈତନ୍ୟ ପୁରୀ ଫେରିବାର କିଛି ଦିନ ପରେ ରାୟରାମାନନ୍ଦ ପ୍ରଶାସକ ପଦବୀରୁ ସବୁଦିନ ପାଇଁ ଅବ୍ୟାହତି ନେଇ ପୁରୀ ଆସି ତାଙ୍କ ସହ ଏକତ୍ର ବାସ କଲେ ।

ଶ୍ରୀଚୈତନ୍ୟ ପ୍ରାୟ ତିନିବର୍ଷ ଶ୍ରୀକ୍ଷେତ୍ରରେ ରହି ପ୍ରେମଧର୍ମ ପ୍ରଚାର କରିଥିଲେ । ଚୈତନ୍ୟଙ୍କ ନୀଳାଚଳ ପ୍ରତ୍ୟାବର୍ତ୍ତନ ସମ୍ବାଦ ପାଇ ଗୌଡ଼ର ବୈଷ୍ଣବ ମଣ୍ଡଳୀ ସର୍ବପ୍ରଥମେ ଶ୍ରୀକ୍ଷେତ୍ରରେ ଆସି ପହଞ୍ଚିଲେ । ସେମାନେ ରଥଯାତ୍ରାଠାରୁ ଚତୁର୍ମାସ୍ୟା ଚାରିମାସ ଶ୍ରୀଚୈତନ୍ୟଙ୍କ ସହ ଅବସ୍ଥାନ କରି ପୁନରାୟ ଗୌଡ଼ ଦେଶକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ଯିବାବାଟରେ ରେମୁଣାସ୍ଥ କ୍ଷୀରଚୋରା ଗୋପୀନାଥଙ୍କ ମନ୍ଦିର ପରିସରରେ କିଛିଦିନ ସଂକୀର୍ତ୍ତନ କରି ନବଦ୍ୱୀପ ଫେରୁଥିଲେ । ଏହିପରି ପ୍ରତିବର୍ଷ ରଥଯାତ୍ରା ସମୟରେ ସେମାନେ ଆସୁଥିଲେ । କିନ୍ତୁ ଗୋଟିଏ ବର୍ଷ ସେମାନେ ଶ୍ରୀକ୍ଷେତ୍ରକୁ ଆସି ଅଭିମାନରେ ପ୍ରତ୍ୟାବର୍ତ୍ତନ କରି ଯାଜପୁର ପର୍ଯ୍ୟନ୍ତ ଚାଲିଯାଇଥିଲେ । ସେହି ସମୟରେ ଶ୍ରୀଚୈତନ୍ୟଙ୍କଠାରୁ ଏକ ପତ୍ର ନେଇ ସେମାନଙ୍କୁ ନେଉଟାଇ ଆଣିବାକୁ ଯାଇଥିଲେ ଶିବାନନ୍ଦ ସେନ । ନବଦ୍ୱୀପରୁ ନୀଳାଚଳ ଧାମକୁ ଯାତ୍ରୀମାନଙ୍କୁ ନେବା ଆଣିବା ତାଙ୍କର କାର୍ଯ୍ୟ ଥିଲା । ସଂସ୍କୃତରେ ରଚିତ ଚୈତନ୍ୟ ଚନ୍ଦ୍ରୋଦୟ ନାଟକ ଓ ଚୈତନ୍ୟ ଚରିତାମୃତର ରଚୟିତା ହେଉଛନ୍ତି । କବି କର୍ଣ୍ଣପୁର । ସେ ଶିବାନନ୍ଦ ସେନଙ୍କର ପୁତ୍ର ।

ଗୌଡ଼ୀୟ ବୈଷ୍ଣବମାନଙ୍କ ମଧ୍ୟରେ ବିବାଦ ଆରମ୍ଭ ହେଲା 'ମହାମନ୍ତ୍ର'କୁ ନେଇ । ମହାମନ୍ତ୍ର ଆରମ୍ଭରେ ରାମ ନା କୃଷ୍ଣ ରହିବ ତାହା ହିଁ ବିବାଦ । ବହୁ ଯୁକ୍ତିତର୍କ ପରେ ଶ୍ରୀଚୈତନ୍ୟ ଏହାର ସମାଧାନ କଲେ । ସେ କହିଲେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜପମନ୍ତ୍ର 'ହରେ ରାମ କୃଷ୍ଣ' ମନ୍ତ୍ରକୁ ସମସ୍ତେ ସ୍ୱୀକାର କରନ୍ତୁ କିନ୍ତୁ ଶିବାନନ୍ଦ ସେନ ପ୍ରଭୃତି ଗୌଡ଼ୀୟ ଭକ୍ତମାନେ 'ହରେ କୃଷ୍ଣ ରାମ' ମନ୍ତ୍ରକୁ ଗୌଡ଼ରେ ପ୍ରଚଳନ କରିବା ପାଇଁ ଶ୍ରୀଚୈତନ୍ୟଙ୍କର ଅନୁମତି ଲୋଡ଼ିଲେ । ଶ୍ରୀଚୈତନ୍ୟ ଏହାକୁ ସ୍ୱୀକାର କଲେ । ଦିବାକର ଦାସ ଜଗନ୍ନାଥ ଚରିତାମୃତରେ ଲେଖିଛନ୍ତି –

'ପୁରୁଷୋତ୍ତମେ ଯେତେ ରୀତି ।
ସେ କଥା କଲେ ଆନ ରୀତି ।।
ହରେ ରାମ କୃଷ୍ଣ ଛାଡ଼ିଲେ ।
ହରେ କୃଷ୍ଣ ରାମ ବୋଇଲେ ।।
ଛାଡ଼ି ପୁରୁଷୋତ୍ତମେ ଆଶା ।
ବୃନ୍ଦାବନେ କଲେ ଭରସା ।।

ବଙ୍ଗୀୟ ଭକ୍ତମାନେ ଯେ କେବଳ ମନ୍ତ୍ର ବିଚାରରେ ଅସନ୍ତୁଷ୍ଟ ଥିଲେ ତାହା ନୁହେଁ, ଦ୍ୱିତୀୟରେ ସେମାନଙ୍କର ଜଣେ ବୈଷ୍ଣବୀ ଭକ୍ତ ମାଧବୀ ଦାସୀଙ୍କ ସହିତ ବଙ୍ଗୀୟ ଭକ୍ତ ସାନ ହରି ଦାସଙ୍କ ସହ ସମ୍ପର୍କ ଅନ୍ୟ ଏକ କାରଣ । ମାଧବୀ ଦାସୀ ଭକ୍ତ ଶିଖୀ ମହାନ୍ତିଙ୍କ ଭଉଣୀ । ମାଧବୀଙ୍କର ଭକ୍ତିଭାବ କୀର୍ତ୍ତନ ଗାନର ମନମୁଗ୍ଧକର ନୈପୁଣ୍ୟ ସହ ତାଙ୍କର କବିତ୍ୱ ଶକ୍ତିର ମହିମା ସମସ୍ତଙ୍କର ମନ ମୋହି ନିଏ । ଏ ସମ୍ପର୍କକୁ ନେଇ ଶିଖୀ ମହାନ୍ତିର ସାନ ହରିଦାସକୁ ମାଡ଼ ଓ ପରିଶେଷରେ ତା'ର ଗଙ୍ଗାନଦୀରେ ଝାସ ଦେବା ଅନ୍ୟ ଏକ କାରଣ । ତୃତୀୟତଃ ସ୍ୱାମୀ ଜଗନ୍ନାଥ ଦାସଙ୍କୁ ଅତିବଡ଼ୀ ଉପାଧି ଦେବା ଓ ତାଙ୍କ ସହ ଶ୍ରୀଚୈତନ୍ୟଙ୍କ ନିବିଡ଼ତା ବଙ୍ଗୀୟ ବୈଷ୍ଣବମାନଙ୍କ ମନରେ ଅସୂୟା ସୃଷ୍ଟି କରିଥିଲା । ଗୌଡ଼ୀୟ ଭକ୍ତମାନଙ୍କୁ ଫେରାଇ ଆଣିବାକୁ ଶିବାନନ୍ଦ ସେନଙ୍କ ହସ୍ତରେ ଯାଜପୁର ପଠାଇବା ପାଇଁ ଶ୍ରୀଚୈତନ୍ୟ

ଜଗନ୍ନାଥ ଦାସଙ୍କୁ କହିଥିଲେ । ବୈଷ୍ଣବ ଲୀଳାମୃତରେ ମାଧବ ପଟ୍ଟନାୟକ ଲେଖିଛନ୍ତି –

'ପ୍ରଭୁ ବୋଇଲା ଲେଖ ଚିଠି । ଫେରି ବା ଆସିବେ ଲେଉଟି ।।
ସ୍ୱାମୀ ଲେଖିଲା ଆଠ ଶ୍ଳୋକ । ପ୍ରଭୁର ଭାବ ସେ ଯେତେକ ।।
ପ୍ରଭୁର ଶ୍ଳୋକ ଶୁଣାଇଲା । ବିରଳେ ପ୍ରଭୁ କୋଳକଲା ।।'

ଶ୍ରୀଚୈତନ୍ୟଙ୍କ ଦ୍ୱାରା ପଠାଯାଇଥିବା ଆଠଗୋଟି ଶ୍ଳୋକରେ ଲିଖିତ ଚିଟାଉ ପଢ଼ି ସୁଦ୍ଧା କେହି ଆଉ ଶ୍ରୀକ୍ଷେତ୍ରକୁ ଫେରି ନାହାନ୍ତି । ସେମାନେ ଚାଲି ଯାଇଁ ଗୌଡ଼ରେ ଏହି ଆଠଟି ଶ୍ଳୋକକୁ ଶ୍ରୀଚୈତନ୍ୟଙ୍କ 'ଶିକ୍ଷାଷ୍ଟକ' ବୋଲି ପ୍ରଚାର କଲେ । କେହି କେହି ଏହାକୁ 'ଶିକ୍ଷାଷ୍ଟକ' ବୋଲି କହିଥାନ୍ତି ।

ଖ୍ରୀ:୧୫୧୪ ବିଜୟାଦଶମୀ ତିଥିରେ ଶ୍ରୀକ୍ଷେତ୍ରରୁ ଶ୍ରୀଚୈତନ୍ୟ ଗୌଡ଼ ଦେଶ ଅଭିମୁଖେ ଯାତ୍ରା ଆରମ୍ଭ କଲେ । ବାଟରେ ଭବାନୀପୁରଠାରେ ରାୟରାମାନନ୍ଦଙ୍କ ସଙ୍ଗେ ସାକ୍ଷାତରେ ମହାପ୍ରସାଦ ସେବନକରି ପରଦିନ ଭୁବନେଶ୍ୱରରେ ପହଞ୍ଚି ଥିଲେ । ସେଠାରୁ କଟକ ଅଭିମୁଖେ ଯାଇ କାଠଯୋଡ଼ୀ ନଦୀ ପାର ହୋଇ ସ୍ୱପ୍ନେଶ୍ୱର ଶିବ ମନ୍ଦିରରେ ମହାରାଜା ପ୍ରତାପରୁଦ୍ର ଦେବଙ୍କ ସଙ୍ଗେ ସାକ୍ଷାତ ହେଲା । ମହାରାଜ ସେଠାରୁ ହରିଚନ୍ଦନ ଓ ମଙ୍ଗଳରାଜ ନାମକ ଦୁଇ ମହାପାତ୍ରଙ୍କୁ ଶ୍ରୀଚୈତନ୍ୟଙ୍କ ସଙ୍ଗେ ବାଟରେ ସହାୟତା କରିବା ପାଇଁ ପଠାଇଥିଲେ । ଯାତ୍ରାର ସୁବିଧା ପାଇଁ ମହାରାଜ ଗୋଟିଏ ନୂତନ ନୌକା ଯୋଗାଇ ଦେଇଥିଲେ । ସେମାନେ ସନ୍ଧ୍ୟାରେ ମହାନଦୀ ପାରହୋଇ ଚୌଦ୍ୱାରଠାରେ ପହଞ୍ଚିଲେ । ସେଠାରୁ ଗଦାଧର ପଣ୍ଡିତଙ୍କୁ ବିଦାୟ ଦେଇ ବିରୂପା, ବ୍ରାହ୍ମଣୀ, ଖରସ୍ରୋତା ଓ ବୈତରଣୀରେ ନୌକାବାହି ଯାଜପୁରରେ ପହଞ୍ଚିଲେ । ସେଠାରୁ ଚୈତନ୍ୟ ହରିଚନ୍ଦନ ଓ ମଙ୍ଗଳ ରାଜଦ୍ୱୟଙ୍କୁ ବିଦାୟ ଦେଇ ରାୟରାମାନନ୍ଦ ଓ ଅନ୍ୟମାନଙ୍କ ସହ କ୍ଷୀରଚୋରା ଗୋପୀନାଥଠାରେ ଉପସ୍ଥିତ ହେଲେ । ରେମୁଣାରୁ ରାୟରାମାନନ୍ଦଙ୍କୁ ବିଦାୟ ଦେଇ ମେଦିନୀପୁର-ଉଡ୍ରଦେଶରେ ପହଞ୍ଚିଲେ । ମେଦିନୀପୁର ରାଜା ଦଶଟି ନୌକା ସାହାଯ୍ୟରେ ପିଛଳଦାରେ ପହଞ୍ଚାଇ ଦେଲେ । ସେଠାରୁ 'ପାନିହଟୀ' ଯାଇ ରାଘବ ପଣ୍ଡିତଙ୍କ ଗୃହରେ ଅବସ୍ଥାନ କଲେ । ସେଠାରେ ପହଞ୍ଚିବାକୁ ତାଙ୍କୁ ୧୮ ଦିନ ସମୟ ଲାଗିଲା । ତା' ପରଦିନ ପ୍ରତ୍ୟୁଷରୁ ଶାନ୍ତିପୁର ଅଭିମୁଖେ ଗଲେ । ସେତେବେଳେ ଗୌଡ଼ର ବୈଷ୍ଣବ ମଣ୍ଡଳୀ ତାଙ୍କୁ ସହାୟତା କରିଥିଲେ । ବାଟରେ ତାଙ୍କ ଦୀକ୍ଷାଗୁରୁ ଈଶ୍ୱରପୁରୀଙ୍କ ଜନ୍ମସ୍ଥାନ କୁମାରହଟ୍ଟ ଗ୍ରାମର ଭୂମିସ୍ପର୍ଶ କରି ଯାଇଥିଲେ ବୋଲି ପଣ୍ଡିତ କିଶୋରୀ ମୋହନ କାବ୍ୟରତ୍ନ ତାଙ୍କର ଶ୍ରୀଶ୍ରୀକ୍ଷୀରଚୋରା ଗୋପୀନାଥ ଧାମ ପୁସ୍ତକରେ ଲେଖିଛନ୍ତି –

'ପ୍ରଭୁ ବଲେ ଈଶ୍ୱର ପୁରୀର ଜନ୍ମସ୍ଥାନ ।
ଏ ମୃର୍ତ୍ତିକା ଆମାର ଜୀବନଧନ ପ୍ରାଣ ।।'
(ଶ୍ରୀଚୈତନ୍ୟ ଭାଗବତ, ଆଦି-୧୫ଶଅ)

ଶ୍ରୀଚୈତନ୍ୟ ସଙ୍ଗରେ ଯବନ ହରିଦାସ ଓ ଶ୍ରୀପାଦ ନିତ୍ୟାନନ୍ଦକୁ ନେଇ ରାମକେଲୀଠାରେ ପହଞ୍ଚିଲେ । ସେଠାରେ ବଙ୍ଗଳାର ତତ୍କାଳୀନ ସୁଲତାନ ହୁସେନ ଶାହାଙ୍କ ଦୁଇମନ୍ତ୍ରୀ ସାକର ମଲ୍ଲିକ ଓ ଦବୀର ଖାସ ନିଜର ବେଶ ବଦଳାଇ ଛଦ୍ମବେଶରେ ଶ୍ରୀଚୈତନ୍ୟଙ୍କୁ ଦେଖା କଲେ । ସେମାନେ ମନ୍ତ୍ରିତ୍ୱ ଛାଡ଼ି ବୈଷ୍ଣବ ହେବାକୁ ତାଙ୍କୁ କହିଲେ । ଶ୍ରୀଚୈତନ୍ୟ କହିଲେ –

'ଶୁଣି ମହାପ୍ରଭୁ କହେ ଶୁଣ ଦବିର ଖାସ ।
ତୋମା ଦୁଇଭାଇ ମୋର ପୁରାତନ ଦାସ ।।
ଆଜିର ହୈତେ ଦୋହାଁର ନାମ ରୂପ ସନାତନ ।
ଦୈନ୍ୟ ଛାଡ଼ ତୋମାରି ଦୈନ୍ୟେ ଫାଟେ ମୋର ମନ ।।
ଦୈନ୍ୟ ପତ୍ରୀ ଲିଖି ମୋରେ ପଠାଇଲେ ବାରବାର ।
ସେଇ ପତ୍ରତେ ଜାନିୟାଛି ତୋ ବ୍ୟବହାର ।।'
(ଚୈତନ୍ୟ ଚରିତାମୃତ)

ଶ୍ରୀଚୈତନ୍ୟ ସୁଲତାନ ହୁସେନ ଶାହାଙ୍କ ମନ୍ତ୍ରୀଦ୍ୱୟଙ୍କୁ କୌପୀନ ତିଳକ ଧାରଣ କରାଇ ବୈଷ୍ଣବ ଧର୍ମରେ ଦୀକ୍ଷିତ କରାଇଲେ । ସେମାନଙ୍କ ନାମ ରୂପ (ଦବୀର ଖାସ) ଓ ସନାତନ (ସାକର ମଲ୍ଲିକ) ଦେଇଥିଲେ । ଏହିଠାରୁ ବୃନ୍ଦାବନ ତୀର୍ଥଯାତ୍ରା ନିରାପଦ ନୁହେଁ ବୋଲି ରୂପ ଓ ସନାତନ ମହାପ୍ରଭୁଙ୍କୁ ପରାମର୍ଶ ଦେଇଥିଲେ । ଶ୍ରୀଚୈତନ୍ୟ ନୀଳାଚଳ ଅଭିମୁଖେ ଫେରିଲେ ଓ ରୂପ ସନାତନ କାଶୀ ଛଦ୍ମବେଶରେ ପଳାୟନ କଲେ ।

ରାମକେଳୀରୁ ପୁରୀକୁ ପ୍ରତ୍ୟାବର୍ତ୍ତନକରି କିଛିଦିନ ଅବସ୍ଥାନ କଲେ । ପୁନରାୟ ଭଦ୍ରକ ବାଟଦେଇ ଅରଣ୍ୟ ମାର୍ଗରେ ପ୍ରୟାଗରେ ପହଞ୍ଚିଥିଲେ । ଶ୍ରୀଚୈତନ୍ୟଙ୍କ ଭଦ୍ରକ ରହଣି ବିଷୟରେ ସେଠିକାର ବାବାଜୀ ନାୟକ, ସମାଜରେ 'ଭଦ୍ରକର ଗୁପ୍ତ ବୃନ୍ଦାବନ ସନ୍ଥିଆ' ଶିରୋନାମାରେ ଲେଖିଥିଲେ । ଭଦ୍ରକର ସାଳନ୍ଦୀ ନଦୀ କୂଳରେ ଅବସ୍ଥିତ ସନ୍ଥିଆ ଗ୍ରାମ । ଶ୍ରୀଳ ଗଙ୍ଗ ନାରାୟଣ ବିଦ୍ୟାବାଚସ୍ପତି ବୃନ୍ଦାବନର ମଦନମୋହନଙ୍କ ଚଳନ୍ତି ପ୍ରତିମାକୁ ବୃନ୍ଦାବନରୁ ଆଣି ସେଠାରେ ସ୍ଥାପନ କରିଥିଲେ । ଶ୍ରୀଚୈତନ୍ୟ ସନ୍ଥିଆର ମଦନମୋହନ ପୀଠରେ ପାଞ୍ଚଦିନ ଅବସ୍ଥାନ କରିଥିଲେ ।

ସେହି ସମୟରେ ମଦନମୋହନଙ୍କ ପୂଜକ ଶ୍ରୀ ଯଶୋଦା ନନ୍ଦନ ନ୍ୟାୟାଳଙ୍କାରଙ୍କ ଆତିଥ୍ୟ ପରାୟଣତାରେ ଓ ପୂଜାର୍ଚ୍ଚନାରେ ସେ ମୁଗ୍ଧ ହୋଇଥିଲେ । ଝାଡ଼ଖଣ୍ଡ ମଧ୍ୟ ଦେଇ ପ୍ରୟାଗ ଯିବା ସମୟରେ ଶ୍ରୀଚୈତନ୍ୟ ପୂଜକକୁ ନିଜର ଉତ୍ତରୀୟ (ପରିଧେୟ ଚଦର) ତାଙ୍କୁ ଅର୍ପଣ କରି ଯାଇଥିଲେ । ସେହି ପରିଧେୟ ଚଦର ଅଧୁନା 'କାନ୍ଥା' ନାମରେ ବିଦିତ । ତାହା ଏ ଅବଧି ଗୋଟିଏ ବାକ୍ସରେ ସଂରକ୍ଷିତ । ଶ୍ରୀଳ ଗଙ୍ଗନାରାୟଣ ବିଦ୍ୟାବାଚସ୍ପତିଙ୍କ ତିରୋଧାନ ଦିବସ ହେଉଛି ହେରାପଞ୍ଚମୀ ତିଥି । ସେ ଦିନ ସଚ୍ଚିଆଠାରେ ପ୍ରତିବର୍ଷ ଶ୍ରୀଚୈତନ୍ୟଙ୍କ କନ୍ଥା ପ୍ରଦର୍ଶନ ସମାରୋହ ପାଳିତ ହୋଇଆସୁଛି । ସାଳନ୍ଦୀ ନଦୀର ଯେଉଁ ତଟରେ ଶ୍ରୀଚୈତନ୍ୟ ସ୍ନାନ ଓ ତୈଳ ମର୍ଦ୍ଦନ କରୁଥିଲେ, ତାହାକୁ 'ଗୌର ମର୍ଦ୍ଦନୀୟା ଘାଟ' ବୋଲି କୁହାଯାଉଛି । ସେଠାରୁ ସେ ପ୍ରୟାଗ ଯାଇଁ ରୂପ ଗୋସ୍ୱାମୀଙ୍କୁ ସାକ୍ଷାତ କଲେ –

'ଏ ତହୁଁ କିଛି ଦିନ ଅନ୍ତେ । ପ୍ରୟାଗ ଯିବାକୁ ଉଦ୍ୟତେ ।।
ଅରଣ୍ୟ ବାଟରେ ସେ ଗଲେ । ପ୍ରୟାଗ ଯାଇଣ ମିଳିଲେ ।।
ରୂପକୁ ଭେଟିଲେ ସେ ସ୍ଥାନେ । ବିଶ୍ରାମ କଲେ ଦଶ ଦିନେ ।।'

ସେ ଦଶଦିନ ମଧ୍ୟରେ ରୂପ ଗୋସ୍ୱାମୀଙ୍କୁ ରସତତ୍ତ୍ୱ ଓ ଭକ୍ତିତତ୍ତ୍ୱ ଶିକ୍ଷା ଦେଇ ବୃନ୍ଦାବନ ପଠାଇଦେଲେ । ଡଃ ଘନଶ୍ୟାମ ରଥ ଚିତ୍ତରଞ୍ଜନ ଦାସଙ୍କ ପୁସ୍ତକ ଅନୁସରଣରେ 'ଓଡ଼ିଶାର ବୈଷ୍ଣବ ଧର୍ମର ନୂତନ ଆଭିମୁଖ୍ୟ' ପୁସ୍ତକରେ ଲେଖିଛନ୍ତି ଯେ ଶ୍ରୀଚୈତନ୍ୟ ପ୍ରୟାଗଠାରୁ ଗଙ୍ଗାକୂଳେ କୂଳେ ଗୋମତୀରେ ପହଞ୍ଚିଥିଲେ । ସେଠାରୁ କଶ୍ୟପଗିରି ଯାଇଁ ଦୁଇମାସ ଅବସ୍ଥାନ କଲେ । ସନାତନ ଗୋସ୍ୱାମୀଙ୍କୁ ସେଠାରେ ବୈଷ୍ଣବ ଧର୍ମର ଭକ୍ତି ସିଦ୍ଧାନ୍ତ ଶିକ୍ଷା ଦେଲେ । ତା'ପରେ ଚନ୍ଦ୍ରିକା ମହୀ ଚାଲିଗଲେ । ସେଠାରେ ଦୁଇମାସ ରହି ସରସ୍ୱତୀ ନଦୀତୀରରେ ଅବନ୍ତୀପୁର ଓ ତାପରେ ଗୋପପୁର, ସେଠାରୁ ବନାରସ ଆସି ଦକ୍ଷିଣ ଅଭିମୁଖେ କର୍ଣ୍ଣାଟକ ଯାତ୍ରା କଲେ । ସେଠାରୁ ଦ୍ୱାରକା ବାଟଦେଇ ବଦ୍ରିକା ଆଶ୍ରମରେ ପହଞ୍ଚି ଅଗସ୍ତି ଋଷି ଏବଂ ରାଜା ସଂପୂର୍ଣ୍ଣଙ୍କ ସହ ସାକ୍ଷାତ କରିଥିଲେ । ବଦ୍ରିକା ଶ୍ରୀଚୈତନ୍ୟ ଫଲ୍‌ଗୁ ନଦୀ ପାରହୋଇ ଓଡ୍ରରାଷ୍ଟ୍ର ବା ଓଡ଼ିଶାକୁ ଆସି ବୈତରଣୀ ନଦୀ ପାର ହୋଇ କଟକ, ଭୁବନେଶ୍ୱର, କୁଶଭଦ୍ରା ନଦୀ, ପ୍ରାଚୀନଦୀ ଓ କୋଣାର୍କ ଦେଇ ଖ୍ରୀ:୧୫୧୭ରେ ପୁରୀଠାରେ ପହଞ୍ଚି ଥିଲେ । ତା'ପରେ ସେ ଓଡ଼ିଶା ଛାଡ଼ି ଆଉ କୌଣସି ସ୍ଥାନକୁ ଯାଇନାହାନ୍ତି ।

ଶ୍ରୀକ୍ଷେତ୍ରକୁ ଫେରିବା ପରେ ପ୍ରଥମେ ରୂପ ଓ ପରେ ସନାତନ ଶ୍ରୀଚୈତନ୍ୟଙ୍କ ପ୍ରତି ଆକୃଷ୍ଟ ହୋଇ ନୀଳାଚଳ ଆସିଥିଲେ । ରୂପ ଗୋସ୍ୱାମୀଙ୍କ ଆଗମନ ପରେ ଶ୍ରୀଚୈତନ୍ୟ ତାଙ୍କୁ ରାୟରାମାନନ୍ଦଙ୍କ ସଂଗେ ପରିଚୟ କରାଇଲେ । ମାଧବ ପଟ୍ଟନାୟକ ଦର୍ଶାଇଛନ୍ତି – 'ରାୟ ରୂପକୁ ସମ୍ଭାଳିଲେ । ରସ ତତ୍ତ୍ୱ ଯେ ଶିକ୍ଷା ଦେଲେ ।' (ବୈଷ୍ଣବ ଲୀଳାମୃତ ୫ମ ଅ) – ସେ ଭକ୍ତି ତତ୍ତ୍ୱ ଅତିବଡ଼ୀ ଜଗନ୍ନାଥ ଦାସଙ୍କଠାରୁ ଶିଖିଥିଲେ । ରୂପ ଏଥେ ଦଶମାସ ରହିଲା । ସ୍ୱାମୀ ତହୁଁ ଭାଗବତ ଶୁଣିଲା । (ବୈ.ଲୀ.) ରୂପ ଗୋସ୍ୱାମୀ ଏହାପରେ 'ଭକ୍ତି ରସାମୃତ-ସିନ୍ଧୁ' ଓ ଉଜ୍ଜ୍ୱଳ ନୀଳମଣି ପ୍ରଭୃତି ତତ୍ତ୍ୱ ସମ୍ବଳିତ ଗ୍ରନ୍ଥମାନ ପ୍ରଣୟନ କରିଥିଲେ ଓ ଜଗନ୍ନାଥ ଦାସଙ୍କଠାରୁ 'ବ୍ରହ୍ମସଂହିତା' ଗ୍ରନ୍ଥ ନକଲ କରି ନେଇଥିଲେ । ସେ ଜଗନ୍ନାଥ ଦର୍ଶନ ନକରି ବିବାଦୀୟ ହୋଇପଡ଼ିବାରୁ ଶ୍ରୀଚୈତନ୍ୟ ତାଙ୍କୁ ବୃନ୍ଦାବନ ପଠାଇ ଦେଇଥିଲେ ।

ଚୈତନ୍ୟ ବୋଲେ ରୂପ ଯାଅ । ଏଥେ ତୁ ଆଉଟି ନରହ ।।
ରୂପ ଚଳିଲା ବୃନ୍ଦାବନ । ଏଥେଟି ନ ରହିଲା କ୍ଷଣେ ।।
(ବୈ.ଲୀ- ୫ମ ଅ)

ଶ୍ରୀରୂପ ଗୋସ୍ୱାମୀ ନୀଳାଚଳରେ ଦଶମାସ ରହି ବୃନ୍ଦାବନ ପ୍ରତ୍ୟାବର୍ତ୍ତନର ଦଶ ଦିନ ପରେ ସନାତନ ଗୋସ୍ୱାମୀ ମଥୁରାରୁ ଝାଡ଼ଖଣ୍ଡ ଦେଇ ନୀଳାଚଳରେ ପହଞ୍ଚି ଏକ ବର୍ଷ ରହିଥିଲେ । ସେ ଠାକୁର ହରିଦାସଙ୍କ ଆଶ୍ରମରେ ବାସ କଲେ । ଝାଡ଼ଖଣ୍ଡ ଦେଇ ଆସିବା ସମୟରେ ଦେହରେ ଚର୍ମରୋଗ ହୋଇଥିଲା । ସେ ରଥ ଚକତଳେ ପଡ଼ି ଆତ୍ମହତ୍ୟା କରିବା ଅଭିପ୍ରାୟ ଶ୍ରୀଚୈତନ୍ୟ ଜାଣିପାରି ତାଙ୍କୁ ଏକ ବର୍ଷ ପରେ ବୃନ୍ଦାବନ ପଠାଇଦେଲେ । 'ରଥ ତଳେ ସେହୁ ପଡ଼ିଲା । ପ୍ରାଣ ହରାଇବି ବୋଇଲା ।' (ବୈଷ୍ଣବ ଲୀଳାମୃତ ୫ମ ଅ)

ଶ୍ରୀଚୈତନ୍ୟଙ୍କୁ ସାଧାରଣତଃ ସଂକୀର୍ତ୍ତନର ପ୍ରବର୍ତ୍ତକ ଭାବେ ଗ୍ରହଣ କରାଯାଏ । ସେ ସଂକୀର୍ତ୍ତନ ସମୟରେ ଶ୍ରୀକୃଷ୍ଣଙ୍କ ନାମ, ରୂପ ଓ ଗୁଣ ପ୍ରଭୃତିକୁ ଉଚ୍ଚସ୍ୱରରେ ଗାନ କରି ତନ୍ମୟ ହୋଇପଡୁଥିଲେ । ତାଙ୍କର ଅନୁଗାମୀମାନଙ୍କ ମଧ୍ୟରେ ଏହିପରି କୀର୍ତ୍ତନଗାନ ଏକ ନିର୍ଦ୍ଦିଷ୍ଟ ପଦ୍ଧତି ଭାବେ ପରିଗୃହୀତ ହୋଇଥିଲା । ଏହି କୀର୍ତ୍ତନ ରୀତି ଅନୁଯାୟୀ ପ୍ରଥମେ ଗୁରୁ ବା ଶ୍ରୀଚୈତନ୍ୟଙ୍କ ବନ୍ଦନା କରାଯାଇଥାଏ । ଏହା 'ଗୌର ଚନ୍ଦ୍ରିକା' ନାମରେ ପରିଚିତ ।

ଶ୍ରୀଚୈତନ୍ୟ ତାଙ୍କର ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରମ୍ପରା ଆଦର୍ଶରେ ସଂକୀର୍ତ୍ତନର ପ୍ରଚାର ପ୍ରସାର କରାଇ ଭାଗବତ ପ୍ରେମର ଏକଧାରା ସୃଷ୍ଟି କରିଥିଲେ । ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅବକାଶରେ

ଶ୍ରୀଚୈତନ୍ୟ ପଞ୍ଚସଖାଙ୍କ ସହ ରଥ ଆଗରେ ନୃତ୍ୟ କରୁଥିଲେ । ଶ୍ରୀଚୈତନ୍ୟ ପଞ୍ଚସଖାମାନଙ୍କୁ ନେଇ ସଂକୀର୍ତ୍ତନ ପ୍ରଚାର ଉଦ୍ଦେଶ୍ୟରେ ଅଲାରନାଥ, ଏକାମ୍ର କ୍ଷେତ୍ର, ନିଆଳି-ମାଧବ, କେନ୍ଦୁଲି ଶାସନ, ଚନ୍ଦ୍ରଭାଗା, କାକଟପୁର ମଙ୍ଗଳା, କଟକ, ଯାଜପୁର, କେନ୍ଦ୍ରାପଡ଼ା ତୁଳସୀ କ୍ଷେତ୍ର, ଝଙ୍କଡ଼ ଶାରଳା ପ୍ରଭୃତି ସ୍ଥାନମାନଙ୍କୁ ଯାଉଥିଲେ । ସେତେବେଳେ ପଞ୍ଚସଖା ଓ ଶ୍ରୀଚୈତନ୍ୟଙ୍କୁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ନାମ ସଂକୀର୍ତ୍ତନ (ରାହାସ) କରିବା ଲାଗି ଆମନ୍ତ୍ରଣ କରୁଥିଲେ । ଲୋକେ ଭାବୁଥିଲେ ବୈଷ୍ଣବ ସାଧୁ ଗୋଷ୍ଠୀର କୀର୍ତ୍ତନ ଫଳରେ ଗ୍ରାମର ସକଳ ରିଷ୍ଟ ଖଣ୍ଡନ ହୋଇ ଶାନ୍ତି ସ୍ଥାପନ ହେବ ।

ପୁରୀ-ବ୍ରହ୍ମଗିରି ରାସ୍ତାରେ ଗଲେ ଡାହାଣପଟେ ପଡ଼େ ରାୟରାମାନନ୍ଦଙ୍କ ଗ୍ରାମ ବେଣ୍ଟପୁର । ଶ୍ରୀଜଗନ୍ନାଥଙ୍କ ଅନବସର ଦିବସଗୁଡ଼ିକରେ ଶ୍ରୀଚୈତନ୍ୟ ଓ ପଞ୍ଚସଖାବୃନ୍ଦ ସେଠାରେ ରହି ଅଲାରନାଥ ମନ୍ଦିରରେ କୀର୍ତ୍ତନ କରିଥାନ୍ତି । ସେମାନେ ଆଷାଢ଼ କୃଷ୍ଣ ପ୍ରତିପଦା ତିଥିରେ ଅଲାରନାଥ ଯାଇ ଆଷାଢ଼ ଅମାବାସ୍ୟାରେ ପୁରୀ ଫେରୁଥିଲେ । ଏହି ସମୟରେ ରାୟରାମାନନ୍ଦଙ୍କ ଆତିଥ୍ୟ ଓ ପ୍ରଭୁ ଅଲାରନାଥଙ୍କ କ୍ଷିରୀଭୋଗ ଆସ୍ୱାଦନ, ଏହି କୀର୍ତ୍ତନ ଦଳକୁ ପୁଲକିତ କରୁଥିଲା । ଅଲାରନାଥ ମନ୍ଦିର ବାମପଟେ ପଞ୍ଚପାଣ୍ଡବ ମୂର୍ତ୍ତି ପାର୍ଶ୍ୱରେ ଏମାନେ ଆନନ୍ଦର ସହିତ ସଂକୀର୍ତ୍ତନ କରୁଥିଲେ । ସେଠାରେ ଥିବା ଏକ ଚଟାଣ ପଥର ଉପରେ ଶ୍ରୀଚୈତନ୍ୟ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ । ସେହି ସାଷ୍ଟାଙ୍ଗ ପ୍ରଣିପାତ ଚିହ୍ନଥିବା ପଥର ଉପରେ ଏବେ ଶ୍ରୀଚୈତନ୍ୟଙ୍କ ମନ୍ଦିର ନିର୍ମିତ ହୋଇ ସେହି ଚିହ୍ନସବୁ ସଂରକ୍ଷିତ ହୋଇଛି । ପଶ୍ଚିମବଙ୍ଗ ସମେତ ପୂର୍ବାଞ୍ଚଳ ରାଜ୍ୟମାନଙ୍କରୁ ବହୁ ଗୌଡ଼ୀୟ ଭକ୍ତ ଓ ଇସ୍କନ୍ ଭକ୍ତମାନେ ଶ୍ରୀଅଲାରନାଥଙ୍କ ଦର୍ଶନ ସହ ଶ୍ରୀଚୈତନ୍ୟଙ୍କ ସ୍ମାରକୀ ପଥର ମଧ୍ୟ ଦର୍ଶନ କରିଥାନ୍ତି । ବିଶ୍ୱାସ କରାଯାଏ ଅନବସର ସମୟରେ ଗୋଟିଏ ଦିନର ଚତୁର୍ଦ୍ଧାମୂର୍ତ୍ତି ନାରାୟଣ ଅଲାରନାଥଙ୍କ ଦର୍ଶନରେ ଯେଉଁ ପୁଣ୍ୟ ଫଳ ମିଳେ, ବର୍ଷକଯାକ ଜଗନ୍ନାଥଙ୍କୁ ଦର୍ଶନ କଲେ ସେତିକି ଫଳ ମିଳେ ବୋଲି ବିଶ୍ୱାସ କରାଯାଏ ।

ଶ୍ରୀଚୈତନ୍ୟଙ୍କ ଅନ୍ତିମ ଜୀବନର କେତେ ବର୍ଷ ସେ କାଶୀ ମିଶ୍ରଙ୍କ ଗମ୍ଭୀରାରେ ଦିବ୍ୟ ଭାବାବିଷ୍ଟ ଅବସ୍ଥାରେ ଅତିବାହିତ କରୁଥିଲେ ଓ ବେଳେବେଳେ ବାହ୍ୟ ଜ୍ଞାନଶୂନ୍ୟ ହୋଇ ପଡୁଥିଲେ । ରାୟରାମାନନ୍ଦ, ସ୍ୱରୂପ ଦାମୋଦର ଓ ଜଗନ୍ନାଥ ଦାସ ତାଙ୍କ ସେବାରେ ଆତ୍ମ ନିୟୋଗ କରିଥିଲେ । ଜଗନ୍ନାଥ ଦାସ ତାଙ୍କୁ ଖୋଇ ଦେଉଥିଲେ । 'ସ୍ୱାମୀ ଆଣଇ ଅନ୍ନ ଥାଳି । ଭୁଞ୍ଜାଏ ବଳାତ୍କାର କରି ।।' ଖ୍ରୀ:୧୫୩୦ରେ ସ୍ୱରୂପ ଦାମୋଦର ଓ ବଳରାମ ଦାସଙ୍କ ମୃତ୍ୟୁ ପରେ ସମସ୍ତ ଭାର ଜଗନ୍ନାଥ ଦାସଙ୍କ ଉପରେ ପଡ଼ିଲା । ଦିନେ ଶ୍ରୀଚୈତନ୍ୟ ରାଜପଥରେ ଉଦ୍ଦାମ ନୃତ୍ୟ କରୁ କରୁ ଇଟା ଖଣ୍ଡ ବାଜି ବାମ ବୃଦ୍ଧ ଅଙ୍ଗୁଷ୍ଠି ଆଘାତ ପ୍ରାପ୍ତ ହୋଇ ମୂର୍ଚ୍ଛିତ ହୋଇପଡ଼ିଲେ । ତା'ପରେ ତାଙ୍କୁ ଜ୍ୱର ହେବାରୁ ତାଙ୍କ ମୃତ୍ୟୁ ସନ୍ନିକଟ ଜାଣି ଜଗନ୍ନାଥ ଦାସଙ୍କୁ କହିଲେ-

'ତୁ ସ୍ୱାମୀ ମୋହର ପରାଣ । ସୁଜ୍ଞାନୀ ପଣ୍ଡିତ ସୁଜାଣ ।।

x x x x x

ପ୍ରଭୁର ନୟନେ ଲୋତକ । ସ୍ୱାମୀ ହେରଇ ପ୍ରଭୁ ମୁଖ ।।'

(ବୈଷ୍ଣବ ଲୀଳାମୃତ)

ଖ୍ରୀ:୧୫୩୩ ଜୁନ୍ ୨୯ ତାରିଖ ରବିବାର ଦିନ ବ୍ରାହ୍ମ ମୁହୂର୍ତ୍ତରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସମୟରେ ଶ୍ରୀଚୈତନ୍ୟ ଶେଷ ନିଃଶ୍ୱାସ ତ୍ୟାଗ କଲେ । ସେତେବେଳେ ଜଗନ୍ନାଥ ଦାସ କେବଳ ସେଠାରେ ଉପସ୍ଥିତ ଥିଲେ । ଗଜପତି ପ୍ରତାପ ରୁଦ୍ର ଦେବ ଓ ରାୟରାମାନନ୍ଦଙ୍କ ଉପସ୍ଥିତିରେ ଶ୍ରୀଚୈତନ୍ୟଙ୍କୁ କୋଇଲି ବୈକୁଣ୍ଠ ନିକଟରେ ସମାଧିସ୍ଥ କରାଯାଇଥିଲା । ନାମ ସଂକୀର୍ତ୍ତନର ମୂଳପିଣ୍ଡ ଓଡ଼ିଶା ମାଟିରେ ହିଁ ରହିଗଲା ।

ଏନ୍.-୧/୮୨, ଆଇ.ଆର୍.ସି. ଭିଲେଜ
ଭୁବନେଶ୍ୱର-୧୫